**ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ,କିରେଇ**

**ଆଞ୍ଚଳିକ ଗବେଷଣା ସଂପ୍ରସାରଣ ଉପକେନ୍ଦ୍ର ,ସୁନ୍ଦରଗଡ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ସୁନ୍ଦରଗଡ ଶାଖା**

| ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୦୧ | ବୁଲେଟିନ ନମ୍ବର : ୦୧ | ତାରିଖ :୩୦.୧୨.୨୦୨୫,ମଙ୍ଗଳବାର |
|---|---|---|

## ଜିଲ୍ଲା –ସୁନ୍ଦରଗଡ (ଉତ୍ତର ପଶ୍ଚିମ ମାଳଭୂମି ଜଳବାୟୁ ମଣ୍ଡଳ )

## ଗତ ପାଞ୍ଚ ଦିନର ପାଣିପାଗ ବିବରଣୀ ଓ ବର୍ତ୍ତମାନ ଫସଲର ଅବସ୍ଥା

ସୁନ୍ଦରଗଡ ଜିଲ୍ଲାରେ ଗତ ପାଞ୍ଚ ଦିନ ର ସର୍ବାଧିକ ତାପମାତ୍ରା ର ହାରାହାରି **୨୯.୨ C** ଓ ସର୍ବନିମ୍ନ ତାପମାତ୍ରାର ର ହାରାହାରି **୧୦.୬ °C** ଅଟେ । ଗତ ଚାରି ଦିନ ରେ ଏହି ଜିଲ୍ଲାରେ **୦.୦ ମି.ମି.** ର ବର୍ଷା ହୋଇଛି ଅଛି । ରବି ଫସଲରେ ଉଦ୍ଭିଦ ବିକାଶ ପର୍ଯ୍ୟାୟ ଓ ଚାଷ କ୍ଷେତ କୋଡାଖୁସା କାମ ଚାଲୁରହିଛି । ରବିଧାନ ତଳିଘରା ଓ ବୁଣା ଅବସ୍ଥା ଚାଲୁରହିଛି ।

## ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :ପାଣିପାଗ ବିବରଣୀ

ଆଗାମୀ **୩୧.୧୨.୨୦୨୫–୦୧.୦୧.୨୦୨୬,ବୁଧବାର - ରବିବାର** ପର୍ଯ୍ୟନ୍ତ ପାଞ୍ଚଦିନର ପାଣିପାଗ ଆଗାମୀ ପାଞ୍ଚ ଦିନରେ ସୁନ୍ଦରଗଡ ଜିଲ୍ଲାରେ **ବର୍ଷା ହେବାର ସମ୍ଭାବନା ରହିନାହିଁ** । ବାୟୁ ର ବେଗ ୨ – ୪ କି. ମି. ମଧ୍ୟରେ ବହିବାର ସମ୍ଭାବନା ରହିଛି । ସର୍ବାଧିକ ତାପମାତ୍ରା (୨୮– ୨୯ °C) ମଧ୍ୟରେ ରହିବାର ସମ୍ଭାବନା ରହିଛି ଓ ସର୍ବନିମ୍ନ ତାପମାତ୍ରା (୯ -୧୦ °C) ମଧ୍ୟରେ ରହିବାର ସମ୍ଭାବନା ରହିଛି ।ଆଗାମୀ ସପ୍ତାହର ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୬୦ – ୭୦%) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୨୦ – ୩୦ %) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ , ଭୁବନେଶୋର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ସୁନ୍ଦରଗଡ | ୩୧-୧୨-୨୦୨୫ | ୦ | ୨୮ | ୯ | ୩ | ୬୦ | ୨୦ | ୩ | ୨୭ |
| | ୦୧-୦୧-୨୦୨୬ | ୦ | ୨୯ | ୯ | ୪ | ୬୧ | ୨୧ | ୨ | ୩୭ |
| | ୦୨-୦୧ -୨୦୨୬ | ୦ | ୨୯ | ୧୦ | ୩ | ୬୨ | ୨୪ | ୨ | ୬୨ |
| | ୦୩ –୦୧-୨୦୨୬ | ୦ | ୨୯ | ୧୦ | ୨ | ୬୬ | ୨୭ | ୪ | ୪୧ |
| | ୦୪-୦୧-୨୦୨୬ | ୦ | ୨୯ | ୧୦ | ୨ | ୭୦ | ୩୦ | ୪ | ୪୨ |

## ସାଧାରଣ ପରାମର୍ଶ :

- **ଆଇ . ଏମ . ଡି ର ପୂର୍ବାନୁମାନ ଅନୁଯାୟୀ ସୁନ୍ଦରଗଡ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିନାହିଁ ।**
  ପାଣିପାଗ ଅନୁସାରେ ବର୍ତ୍ତମାନ ସମୟରେ ବିଳମ୍ବରେ ଲଗାଯାଇଥିବା ଗହମ ୨୫ ଦିନର ହୋଇଗଲେ ତୁରନ୍ତ ଘାସ ବାଛନ୍ତୁ କିମ୍ବା ଘାସର ଦମନ ପାଇଁ ହେକ୍ଟର ପ୍ରତି ୧ କିଗ୍ରା ୨-୪ –ଡି- ସୋଡିୟମ ତୃଣନାଶକ ଔଷଧ ସିଞ୍ଚନ କରନ୍ତୁ

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ :

- ସୋରିଷ ଫସଲରେ ନିମ୍ନମୁଖୀ ପାଉଁଶିଆ ରୋଗ ଲାଗିବାର ଆଁଶକା ରହିଛି ସେଥିପାଇଁ ବର୍ତ୍ତମାନ ର ପାଣିପାଗ ଅନୁଯାୟୀ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ମେଟାଲାକ୍ସିଲ୍ ଓ ମାଙ୍କୋଜେବ ମିଶ୍ରଣ ରୁ ୨ ଗ୍ରାମ ହିସାବ ରେ ମିଶାଇ ସିଞ୍ଚନ କରନ୍ତୁ

## କୃଷି ପାଣିପାଗ ଉପଦେଶ

| ଫସଲ | ଫସଲ ଅବସ୍ଥା | ଉପଦେଶ |
|---|---|---|
| ଡାଳୁଅ ଧାନ : | ତଳିପକା | • ଧାନ ତଳି ୧୫ ଦିନର ହୋଇଯାଇଥିଲେ ଶତକଡା ୨ ଭାଗ ୟୁରିୟା ସିଞ୍ଚନ କରନ୍ତୁ ତଳି ଉପାଡିବାର ଏକ ସପ୍ତାହ ପୂର୍ବରୁ ପ୍ରତି ୧୦ ଡେସିମିଲି ତଳିଘରା ରେ ୮୦୦ ଗ୍ରାମ କାରଟାପ ପ୍ରୟୋଗ କରନ୍ତୁ ଏବେଁ ୨ ରୁ ୩ ଦିନ ପାଣି ବାନ୍ଧି ରଖନ୍ତୁ |
| ଗହମ : | ଅଙ୍ଗୀୟ ବୃଦ୍ଧି | • ବର୍ତ୍ତମାନ ର ପାଣିପାଗ ଅନୁସାରେ ଗହମ ଚାଷରେ ଗହମ ଚାଷରେ କାଣ୍ଡବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଏକର ପ୍ରତି ୪୦୦ ମିଲି ଟ୍ରାଏଜୋଫସ କିମ୍ବା ପ୍ରୋଫେନୋଫସ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ<br>• ଗହମ ଫସଲ ୨୫ ଦିନର ହୋଇଗଲେ ତୁରନ୍ତ ଘାସ ବାଛନ୍ତୁ କିମ୍ବା ଘାସର ଦମନ ପାଇଁ ହେକ୍ଟର ପ୍ରତି ୧ କିଗ୍ରା ୨ – ୪ –ଡି – ସୋଡିୟମ ତୃଣନାଶକ ଔଷଧ ସିଞ୍ଚନ କରନ୍ତୁ |
| ରବି ମକା : | ଅଙ୍ଗୀୟ ବୃଦ୍ଧି | • ସଅଳ ଫସଲ ୬- ୭ ସପ୍ତାହର ହୋଇଥିଲେ ଦ୍ଵିତୀୟ ଥର ପାଇଁ କୋଡାଖୁସା କରି ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ<br>• ବର୍ତ୍ତମାନ ର ପାଣିପାଗ ଅନୁସାରେ ମାଟିର ବତର କୁ ଦେଖି ଜଳସେଚନ କରନ୍ତୁ କୌଣସି ଅବସ୍ଥାରେ ୬ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ<br>• ରାସାୟନିକ ନିୟନ୍ତ୍ରଣ ହିସାବରେ ପ୍ରତି ଲିଟର ପାଣିରେ ୨ ମିଲି କ୍ଲୋରୋପାଇରିଫସ ଶତକଡା ୨୦ ଇସି କିମ୍ବା ମନୋକ୍ରୋଟଫସ ଶତକଡା ୩୬ ଏସଏଲ ମିଶାଇ ସିଞ୍ଚନ କରନ୍ତୁ |
| ଡାଲି ଫସଲ : | ଅଙ୍ଗୀୟ ବୃଦ୍ଧି | • ପାଣିପାଗ ଅନୁସାରେ ବର୍ତ୍ତମାନ ସମୟରେ ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ଏକର ପ୍ରତି ୩୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ |

| | | |
|---|---|---|
| | | • ବର୍ତ୍ତମାନ ର ଥଣ୍ଡା ପାଗ ଅନୁସାରେ ଡାଲି ଫସଲରେ ପାଉଁଶିଆ ରୋଗ ର ଆଶଙ୍କା ରହିଥାଏ ଏହାର ନିରାକରଣ ପାଇଁ ଏକର ପ୍ରତି ୧ କିଗ୍ରା ସଲଫର ସେଚିତ ଗୁଣ୍ଡ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ |
| ପିଆଜ : | ଅଙ୍ଗୀୟ ବୃଦ୍ଧି | • ପିଆଜ ଫସଲରେ ତୁରନ୍ତ ଅନାବନା ଘାସ ବାଛି ଦିଅନ୍ତୁ କାରଣ ଅନାବନା ଘାସ ପିଆଜ ଫସଲ ପାଇଁ ପ୍ରଧାନ ଶତ୍ରୁ ଅଟେ<br>• ଚାରା ଲଗାଇବାର ୬୦ ଦିନ ପରେ ମାଟିକୁ କୌଣସି ପ୍ରକାର ଆଘାତ ଦିଅନ୍ତୁ ନାହିଁ ୬୦ ଦିନ ପୂର୍ବରୁ ୨-୩ ଥର ହାଲୁକା  କୋଡାଖୁସାକରି କୋଡା ଖୁସା କରି ଦିଅନ୍ତୁ<br>• |
| ମଲ୍ଲୀଫୁଲ : | ଅଙ୍ଗୀୟ ବୃଦ୍ଧି | • ମଲ୍ଲୀ ଗଛରେ ଅଧିକ କଢ ଏବଂ ଫୁଲ ଫୁଟିବା ପାଇଁ ହେଲେ ଉକ୍ତ ଗଛର ପୁରୁଣା ଡାଳ ଦୁର୍ବଳ ରୋଗାକ୍ରାନ୍ତ ଓ ମରିଯାଇଥିବା ଡାଳ ଗୁଡିକୁ କାଟି ଦିଅନ୍ତୁ ଯାହାକି କାଣ୍ଟଛାଣ୍ଟ କାର୍ଜ୍ୟ ହିସାବ ରେ ତୁଲାଏ<br>• ପାଣିପାଗ ଅନୁସାରେ ମଲ୍ଲୀ ଗଛରେ କାଣ୍ଟଛାଣ୍ଟ କରିବାର ବର୍ତ୍ତମାନ ହେଉଛି ପ୍ରକୃଷ୍ଟ ସମୟ ଗଛର ପ୍ରତ୍ୟକ ଡାଳକୁ ମାଟିଉପରୁ ୪୫ ରୁ ୫୦ ସେମି ରଖି ଅବଶିଷ୍ଟ ଅଂଶକୁ କାଟି ଦିଅନ୍ତୁ କାଣ୍ଟଛାଣ୍ଟ କରିବା ପରେପରେ କଟା ଅଂଶରେ ବୋଡ ମିକ୍ସଚର କିମ୍ବା କପର ଅକ୍ସିକ୍ଲୋରାଇଡ ର ପ୍ରଲେପ ଲଗାନ୍ତୁ |
| ରବିଚିନାବାଦାମ : | ଅଙ୍ଗୀୟ ବୃଦ୍ଧି | • ବର୍ତ୍ତମାନ ର ପାଗ ଅନୁସାରେ ରବିଚିନାବାଦାମରେ ଟେର ସଢା ରୋଗ ଲାଗିବାର ସମ୍ଭାବନା ଦେଖାଦେଲେ ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ ହିସାବରେ ମେଟାଲାକ୍ସିଲ୍ ଓ ମାଙ୍କୋଜେବ ମିଶ୍ରଣ କୁ ମିଶାଇ ସିଞ୍ଚନ କରନ୍ତୁ<br>• ରବି ଚିନାବାଦାମରେ ଅଙ୍କୁରସଢା ରୋଗ  ଲାଗିବାର ଦେଖାଦେଲେ ଏହାର ଦମନ ପାଇଁ ଗଛ ଦୁଇ ପତ୍ରର ହୋଇଗଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ ହିସାବରେ କାର୍ବେଣ୍ଡାଜିମ ମିଶାଇ ସିଞ୍ଚନ କରନ୍ତୁ |
| ପନିପରିବା : | ବୁଣିବା /ଅଙ୍ଗୀୟ ବୃଦ୍ଧି : | •  ବର୍ତ୍ତମାନ ସମୟରେ ପନିପରିବାରେ  ଫୁଲକୋବି ଫସଲରେ ଶତକଡା ୦.୨ (ପ୍ରତି ଲିଟର ପାଣିରେ ୨ ଗ୍ରାମ) ଭାଗ ବୋରାକ୍ସ ସିଞ୍ଚନ କଲେ ପଚା ହୁଏ ନାହିଁ<br>• ବାଇଗଣ ଓ ଟମାଟୋ ସମେତ ଅନ୍ୟାନ୍ୟ ପନିପରିବାରେ ବୀଜାଣୁ ଜନିତ ଝାଉଁଳା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ ମୂଳମାଟି ଭିଜିଲା ପରି ସିଞ୍ଚନ କରନ୍ତୁ |
| କୁକୁଡ଼ା ଙ୍କ ଯତ୍ନ : | | • ପାଣିପାଗ ଅନୁସାରେ ବର୍ତ୍ତମାନ ତାପମାତ୍ରା କମ ରହୁଥିବାରୁ କୁକୁଡ଼ା ଚିଆଁ କୁ ରକ୍ଷା କରିବା ପାଇଁ ୩ ରୁ ୪ ସପ୍ତାହ ପର୍ଯ୍ୟନ୍ତ କୁକୁଡ଼ା ଘରେ ବିଦ୍ୟୁତ ଚୁଲା ବ୍ୟବହାର ନିତ୍ୟାନ୍ତ କରନ୍ତୁ କିମ୍ବା କୁକୁଡ଼ାଘରକୁ ଅଖା ଦ୍ଵାରା ଢାଙ୍କି ବଲ୍ବ ଜଳାନ୍ତୁ |

| |
|---|
| **କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।** |
| *ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ କେଣ୍ଡ୍ରିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)* |

| |
|---|
| ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ |

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍‌ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google.com/store/apps/details?id_com.aas.meghdoot)***

ବି : ଦ୍ରଷ୍ଟବ୍ୟ : ଓୟୁଏଟି  ଶାଖା  ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମନ୍ତେ ବିକ୍ରି ହେଉଅଛି |

*ନୋଡାଲ ଅଫିସର, କିରେଇ*